# DAV PUBLIC SCHOOLS, BHUBANESWAR

## ANNUAL EXAMINATION, 2019 - 20

## CLASS - V

## SUBJECT - LOWER ODIA

**TIME: 2 Hours** **F.M:50**

**ସାଧାରଣ ନିର୍ଦ୍ଦେଶାବଳୀ:**

- ପ୍ରଶ୍ନ ପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବେ ଲେଖ ।
- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖ ।
- ପ୍ରଶ୍ନ ପତ୍ରରେ ୪ଟି ବିଭାଗ ଓ ୧୩ଟି ପ୍ରଶ୍ନ ଅଛି ।
- ସମସ୍ତ ଉତ୍ତର ଲେଖିସାରିବା ପରେ ପୁନର୍ବାର ଯାଞ୍ଚ କର ।

### 'କ' ବିଭାଗ

୧. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫x୧=୫)

ସୁବୋଧ ଚତୁର୍ଥ ଶ୍ରେଣୀରେ ପଢ଼େ । ପାଠ ପଢ଼ାରେ ତା'ର ମନ ନ ଥାଏ । କିନ୍ତୁ ତା'ର ଇଚ୍ଛା କେମିତି ପରୀକ୍ଷାରେ ଭଲ ନମ୍ବର ରଖନ୍ତା । ବାପାମାଆ, ସାଙ୍ଗସାଥୀ ଓ ସାର୍ ସମସ୍ତେ ଖୁସି ହୁଅନ୍ତେ । ଦିନେ ସେ ଶୁଣିଲା ଗାଆଁ ମୁଣ୍ଡରେ ଜଣେ ସାଧୁ ଆସି ରହୁଛନ୍ତି । ସେ ମନ୍ତ୍ରବଳରେ ଅସମ୍ଭବ କାମକୁ ସମ୍ଭବ କରି ପାରୁଛନ୍ତି । ତା' ପରଦିନ ସେ ସାଧୁଙ୍କୁ ପ୍ରଣାମ କରି କହିଲା , "ମୋତେ ଏପରି ମନ୍ତ୍ର ଶିଖାଇ ଦିଅନ୍ତୁ ଯାହାକୁ ଗାଇଲେ ମୁଁ ସହଜରେ ସବୁ ବିଦ୍ୟା ପାଇପାରିବି ।" ସୁବୋଧ କଥା ଶୁଣି ସାଧୁ କହିଲେ, ଠିକ୍ ଅଛି । କାଲିଠାରୁ ମୁଁ ତୁମକୁ ଗୋଟିଏ ମନ୍ତ୍ର ଶିଖାଇ ଦେବି । କିନ୍ତୁ ମନେରଖ, ସେ ମନ୍ତ୍ର ତୁମକୁ ଶୁଣିକରି ମନେ ରଖିବାକୁ ପଡ଼ିବ । ସୁବୋଧ ପ୍ରତିଦିନ ସାଧୁଙ୍କ ପାଖକୁ ଆସି ମନ୍ତ୍ରଟିକୁ ମନେ ରଖିବାକୁ ଚେଷ୍ଟାକଲା । କିନ୍ତୁ ମନ୍ତ୍ରଟି ମନେ ରହୁ ନଥାଏ । ତଥାପି ସେ ଚେଷ୍ଟା କରିଚାଲିଥାଏ । ଶେଷରେ ସାଧୁବାବା ତା' ମୁହଁରୁ ମନ୍ତ୍ରଟିକୁ ଶୁଣି ଖୁସିହୋଇ କହିଲେ, ମୁଁ ତୁମକୁ ପରୀକ୍ଷା କରୁଥିଲି । ମନେ ରଖ, ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର । ସୁବୋଧ ଖୁସି ହୋଇଗଲା ।

ପ୍ରଶ୍ନ -

(କ) ସୁବୋଧର କ'ଣ ଇଚ୍ଛା ଥିଲା ?

(ଖ) ସାଧୁଙ୍କୁ ପ୍ରଣାମ କରି ସୁବୋଧ କ'ଣ କହିଲା ?

(ଗ) ଶେଷରେ ସାଧୁବାବା ଖୁସିହୋଇ ଆସି କ'ଣ କହିଲେ ?

(ଘ) ସୁବୋଧ __________ ଶ୍ରେଣୀରେ ପଢ଼େ ।

(ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ )

(ଙ) ସେ ମନ୍ତ୍ରଟି ତୁମକୁ __________ କରି ମନେ ରଖିବାକୁ ପଡ଼ିବ ।

(ଲେଖି, ଶୁଣି, ବୁଝି, ପଢ଼ି )

## 'ଖ' ବିଭାଗ

୨. ଅନୁଚ୍ଛେଦ ଲେଖ । (୧x୫=୫)

ଜାତୀୟ ପଶୁ

## 'ଗ' ବିଭାଗ

୩. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ । (୩x୧=୩)

କ) ୩୫- (ତେତିଶ, ଛତିଶ, ପଇଁତିରିଶ, ପଇଁଚାଳିଶ)

ଖ) ୩୯- (ଅଣଚାଳିଶ, ଅଣତିରିଶ, ଚଉତିରିଶ, ଚାଳିଶ)

ଗ) ୪୮- (ଅଠାଇଶ, ଚବିଶ, ଅଠର, ଅଠଚାଳିଶ)

୪. ସଂଖ୍ୟାରେ ଲେଖ । (୩x୧=୩)

ବତିଶ, ଚଉରାଳିଶ, ସଇଁତିରିଶ

୫. ତଳେ ଦିଆଯାଇଥିବା ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ । (୩x୧=୩)

ନରମସ୍କା, ଉଦଭି, ବକନ୍ଧୁ

୬. ଦିଆଯାଇଥିବା ଯୁକ୍ତାକ୍ଷରଗୁଡ଼ିକୁ ଲଗାଇ ଦୁଇଟି ଲେଖାଏଁ ଶବ୍ଦ ଲେଖ । (୬x୦.୫=୩)

କ୍ତ, ସ୍ଥ, ଷ୍ଟ

୭. ଯୋଗ କର । (୬x୦.୫=୩)

| 'କ' | 'ଖ' |
|---|---|
| ଜାତୀୟ | ମାସ |
| କୋହଲା | ବିଶ୍ୱବିଦ୍ୟାଳୟ |
| ଆଷାଢ଼ | ପାଗ |
| ଉତ୍କଳ | ଧର୍ମ |
| ବାଚସ୍ପତି | ପତାକା |
| ଖ୍ରୀଷ୍ଟିୟାନ | ମହାରଣା |
| | କାଗଜ |

୮. ନିମ୍ନରେ ଦିଆଯାଇଥିବା ଯେ କୌଣସି ଗୋଟିଏ କବିତାର ପ୍ରଥମ ଆଠ ଧାଡ଼ି ଲେଖ। (୮×୦.୫=୪)

ଏକତାର ବଳ

**କିମ୍ବା**

ମାଆ ପରି ମୋର କିଏ ସେ ହେବ

୯. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଖାଲି ଜାଗା ପୂରଣ କର। (୪x୧=୪)

କ) ଲୋକମାନେ __________ ଋତୁରେ ବଣଭୋଜି କରିବାକୁ ଆଗ୍ରହୀ ହୁଅନ୍ତି।

(ଗ୍ରୀଷ୍ମ, ବର୍ଷା, ଶୀତ, ହେମନ୍ତ)

ଖ) ଜାନୁୟାରୀ ୨୬ ତାରିଖକୁ __________ ରୂପେ ପାଳନ କରାଯାଏ।

(ସ୍ୱାଧୀନତା ଦିବସ, ଗୁରୁଦିବସ, ସାଧାରଣତନ୍ତ୍ର ଦିବସ, ଗାନ୍ଧୀଜୟନ୍ତୀ)

ଗ) ଅଶୋକଚକ୍ରରେ __________ଟି ଅର ଥାଏ।

(୨୧, ୨୨, ୨୩, ୨୪)

ଘ) ସୂର୍ଯ୍ୟ __________ ଦିଗରେ ଉଦୟ ହୁଅନ୍ତି।

(ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ)

୧୦. ବାକ୍ୟ ଗଠନ କର। (୨x୧=୨)

ମିଳମିଶି, ପ୍ରାର୍ଥନା

୧୧. ନିମ୍ନରେ ଦିଆଯାଇଥିବା ଗଦ୍ୟାଂଶକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। (୪x୧=୪)

ଆମ ଗାଁର ନାମ ପୁଷ୍ପପୁର। ଏହାକୁ ଘେରି ରହିଛି ସବୁଜ ଶସ୍ୟକ୍ଷେତ। ଅଳ୍ପ ଦୂରରେ ଟିକି ନଈଟି କୁଳୁକୁଳୁ ଶବ୍ଦ କରି ବହିଯାଉଛି। ଗାଁ ମୁଣ୍ଡରେ ଶିବ ମନ୍ଦିର ଅଛି। ଗାଁର ଅର୍ଦ୍ଧେକରୁ ଅଧିକ ଭାଗରୁ ବେଶି ଲୋକ ଚାଷକାମ କରି ପେଟ ପୋଷନ୍ତି। କ୍ଷେତରେ ଧାନ, ଗହମ, ମୁଗ, ବିରି ଓ ଚିନାବାଦାମ ଚାଷ କରନ୍ତି। ନିଜ ପରିବାର ଚଳିବା ପାଇଁ ଖାଦ୍ୟଶସ୍ୟ ରଖି ଅବଶିଷ୍ଟ ବିକ୍ରି କରିଥାନ୍ତି। ଏହା ଫଳରେ ଅନ୍ୟ ଲୋକମାନେ ସେସବୁ ସୁବିଧାରେ ପାଇପାରନ୍ତି।

ପ୍ରଶ୍ନ:

କ) ଗାଁ ମୁଣ୍ଡରେ କେଉଁ ମନ୍ଦିର ଅଛି ?

ଖ) ନିଜ ପରିବାର ଚଳିବା ପାଇଁ ସେମାନେ କ'ଣ କରନ୍ତି ?

ଗ) ପୁଷ୍ପପୁର କାହାର ନାମ ଅଟେ ?

ଘ) କ୍ଷେତରେ ସେମାନେ କ'ଣ କ'ଣ ଚାଷ କରନ୍ତି ?

୧୨. ନିମ୍ନରେ ଦିଆଯାଇଥିବା ଯେ କୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ । (୪x୨=୮)

କ) ପିମ୍ପୁଡ଼ିମାନେ ହାତୀ କବଳରୁ କିପରି ଆଖୁ କିଆରିକୁ ରକ୍ଷା କଲେ ?

ଖ) କାଠ କାରିଗର କାଠରେ କ'ଣ କ'ଣ ତିଆରି କରନ୍ତି ?

ଗ) ଶୀତ ଦିନରେ କ'ଣ ହେବାରୁ ବେଙ୍ଗମାନେ ଗୀତ ଗାଇ ପାରିଲେ ନାହିଁ ?

ଘ) କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

ଙ) ପଡ଼ିଆ ଜମିକୁ କିପରି ଉର୍ବର କରାଯାଏ ?

ଚ) ରଥଯାତ୍ରାରେ କେଉଁ କେଉଁ ଠାକୁର ରଥରେ ଯାତ୍ରା କରନ୍ତି ?

୧୩. ନିମ୍ନରେ ଦିଆଯାଇଥିବା ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (୧x୩=୩)

କ) ପର୍ବପର୍ବାଣି ପାଳନରୁ ଆମେ କ'ଣ ଶିଖୁ ?

ଖ) ତୁମ ମାଆ ତୁମ ପାଇଁ କି କି କାମକରନ୍ତି ? ମାଆଙ୍କର ଏହି କାର୍ଯ୍ୟରୁ ତୁମେ କି ଶିକ୍ଷା ଲାଭ କଲ ?